**ବହୁ ଚର୍ଚ୍ଚିତ ଭୈରବ ସାହୁ ହତ୍ୟା ମାମଲା**

# ୪ ଅଭିଯୁକ୍ତଙ୍କୁ ପଳାତକ ଘୋଷଣା

ପଦ୍ମପୁର, ୩।୫(ସମିସ)



ରାୟଗଡ଼ ଜିଲ୍ଲା ପଦ୍ମପୁରର ବହୁ ଚର୍ଚ୍ଚିତ ଭୈରବ ସାହୁ ହତ୍ୟା ମାମଲାରେ ଆସାମୀ ମାନେ ଆଜିଯାଏଁ ଫେରାର ଥିବାରୁ ଅଦାଲତ ସେମାନଙ୍କୁ ପଳାତକ ଘୋଷଣା କରିଛି। ସୂଚନାଯୋଗ୍ୟ ଯେ, ଗତ ବର୍ଷ ପଦ୍ମପୁର ଥାନା କେଶ ନମ୍ବର ୬୦/୨୦୨୫ ଏବଂ ଅଦାଲତ ମାମଲା ଜିଆର ନମ୍ବର ୬୫/୨୫ ଅନୁଯାୟୀ, ଗୁଣି ଗାରେଡି ସନ୍ଦେହରେ ଭୈରବ ସାହୁଙ୍କୁ ହତ୍ୟାରେ ଜଡିତ ଅପରାଧୀ ସୁଶାନ୍ତ ସାହୁ (୨୬), ପ୍ରଶାନ୍ତ ସାହୁ (୨୩), ସୁନୀଲ ସାହୁ (୨୫) ଓ ପ୍ରଶାନ୍ତ ସାହୁ (୨୬)ଙ୍କ ନାମରେ ଥିବା ଗିରଫ ପରୱାନା ବର୍ତ୍ତମାନ ପର୍ଯ୍ୟନ୍ତ ବଳବତ୍ତର ଥିବା ବେଳେ ଉକ୍ତ ଆସାମୀ ମାନେ ଅଦାଲତରେ ହଜାର ନ ହେବାର ଅଦାଲତ ସେମାନଙ୍କ ବିରୁଦ୍ଧରେ ପଳାତକ ଘୋଷଣା କରିଛନ୍ତି। ଆଜି ମେ ୩ ତାରିଖରେ ଉକ୍ତ ପଳାତକ ଘୋଷଣା ଉପରୋକ୍ତ ଆସାମୀ ମାନଙ୍କ ଘରେ ପଦ୍ମପୁର ଥାନା ପକ୍ଷରୁ ଲଟକା ଜାରି କରାଯାଇଛି। ସେମାନେ ଯଦି ଆସନ୍ତା ଜୁନ ମାସ ୧୮ ତାରିଖ ସୁଦ୍ଧା ଅଦାଲତରେ ହଜାର ନ ହୁଅନ୍ତି, ତେବେ ୟୁ/ଏସ ୮୫ ବିଏନଏସଏସ ଅନୁସାରେ ସମ୍ପତି ବ୍ୟାଜ୍ୟାପ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ଏବଂ ସେମାନଙ୍କ ଅନୁପସ୍ଥିତିରେ ଅଦାଲତ ୟୁ/ଏସ ୩୫୬ ବିଏନଏସଏସ ଅନୁସାରେ ଘୋଷିତ ଅପରାଧୀଙ୍କ ଅନୁପସ୍ଥିତିରେ ତଦନ୍ତ, ବିଚାରଣ ଏବଂ ରାୟ କରିବାର ବ୍ୟବସ୍ଥା ରହିଛି ବୋଲି ପଦ୍ମପୁର ଥାନା ଅଧିକାରୀ କହିଛନ୍ତି।

# ସ୍ତମ୍ଭକାର ଦ୍ୱିତୀଚନ୍ଦ୍ର ସାହୁ ସମ୍ମାନିତ

**ରାୟଗଡ଼, ୩।୫(ସମିସ):** ସ୍ତମ୍ଭକାର ଡ. ଦ୍ୱିତୀଚନ୍ଦ୍ର ସାହୁ ପାଇଲେ ଗେଟ୍‌ୱେ ଓଡ଼ିଶା ସାରସ୍ୱତ ପ୍ରତିଭା ସମ୍ମାନ। ଭୁବନେଶ୍ୱରସ୍ଥ ଉତ୍କଳ ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରୀ ଲିମିଟେଡ ସମ୍ମିଳନୀ କକ୍ଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାରୁତି ମିଡ଼ିଆ ପ୍ରାୟୋଜିତ ଗେଟ୍‌ୱେ ଓଡ଼ିଶା ସାହିତ୍ୟ ସମାରୋହରେ ବିଶିଷ୍ଟ ସାହିତ୍ୟିକ ଡ. ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସାହିତ୍ୟ ସୃଜନ ପାଇଁ ଗେଟ୍‌ୱେ ଓଡ଼ିଶା ସାରସ୍ୱତ ପ୍ରତିଭା ସମ୍ମାନ ୨୦୨୬ରେ ସମ୍ମାନିତ କରାଯାଇଛି। ମାରୁତି ମିଡିଆର ନିର୍ଦ୍ଦେଶକ ମନୋଜ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସମାରୋହରେ ଉଦ୍‌ଘାଟକ ଭାବେ ଡକ୍ଟର ପ୍ରବୋଧ ମହାନ୍ତି, ସଭାପତି, ୟୁସିସିଆଇଏଲ୍ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସୁସାହିତ୍ୟିକ ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଅକ୍ଳ କୁମାର ମିଶ୍ର, ଅତିରିକ୍ତ ମହାନିର୍ଦ୍ଦେଶକ, ପତ୍ର ସୂଚନା କାର୍ଯ୍ୟାଳୟ, ଭୁବନେଶ୍ୱର, ଶିଳ୍ପପତି ଅଶୋକ କୁମାର ଶାରଦା, ଏବଂ ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଓ ବିଶେଷ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ଯୋଗଦାନ ପୂର୍ବକ ଡ଼ ସାହୁଙ୍କୁ ଉପଢୌକନ ଓ ସ୍ମାରକୀ ପ୍ରଦାନ ସହ ସମ୍ମାନିତ କରିଥିଲେ। ଏହି କ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଉପସ୍ଥିତ ବିଶିଷ୍ଟ ସାମ୍ବାଦିକ ନୀଳାମ୍ବର ମିଶ୍ର, ଭାସ୍କର ପରିଛା, ଗାଳ୍ପିକା ହିରଣ୍ମୟୀ ମିଶ୍ର, ପ୍ରାବନ୍ଧିକ ଅରୁଣ କୁମାର ନାୟକ, ପ୍ରଦୀପ ପ୍ରାମାଣିକ, ସୂର୍ଯ୍ୟ ମିଶ୍ର, ପିନାକୀ ମିଶ୍ର, ସୁବ୍ରତ ସେନାପତି, ସମ୍ପାଦକ ସୁବାସ ଷଡ଼ଙ୍ଗୀ ପ୍ରମୁଖ ଡ଼ ସାହୁଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ।



ଅଶୋକ କୁମାର ଶାରଦା ଡ଼ ସାହୁଙ୍କ ଶୈକ୍ଷିକ ଓ ସାହିତ୍ୟିକ ସମୃଦ୍ଧି ତଥା ଉତ୍ତରଣକ୍ରମକୁ ଉପସ୍ଥାପନା କରିଥିଲେ। ଗେଟୱେ ଓଡ଼ିଶା ପରିବାରର ସେ ପ୍ରିୟ ପସନ୍ଦର ଲେଖକ ପାଲଟିଛନ୍ତି ବୋଲି ଗେଟ୍‌ୱେ ଓଡ଼ିଶାର ସମ୍ପାଦକ ଦିଲୀପ ମିଶ୍ର ବକ୍ତବ୍ୟରେ ପ୍ରକାଶ କରିଥିଲେ। ଡ଼ ସାହୁଙ୍କୁ ଏହି ଅବସରରେ ରାୟଗଡ଼ ସାହିତ୍ୟ ମହୋତ୍ସବ କମିଟିର ସଦସ୍ୟ ସଦସ୍ୟା ସମେତ ବିକଳ୍ପ ପରିବାର ଓ ବିଭିନ୍ନ ସାହିତ୍ୟିକ ସାହିତ୍ୟିକା, ପାଠକ, ଶୁଭେଚ୍ଛୁମାନେ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

**● କାଳବୈଶାଖୀର ତାଣ୍ଡବ**

## ଘର ଉପରେ ପଡ଼ିଲା ଆମ୍ବ ଗଛ; ଅଳ୍ପକେ ବର୍ତ୍ତିଲେ ପରିବାର



**ମୁନିଗୁଡା, ୩।୫(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଜଗଦଲପୁର ଗ୍ରାମରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ହଠାତ୍ ଜୋରଦାର ପବନ ସହ ବର୍ଷା ହୋଇଥିଲା। ଏହି ପବନ-ବର୍ଷାର ପ୍ରଭାବରେ ଜଗଦଲପୁର ଗ୍ରାମର ବିରାଟ ଗୌଡ ବିଶୋଇଙ୍କ ଘର ଉପରେ ଏକ ବିରାଟକାୟ ଆମ୍ବ ଗଛ ଉପୁଡ଼ି ପଡ଼ିଥିଲା। ଫଳରେ ତାଙ୍କର ଛାତ ଘର ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଯାଇଛି। ପରିବାର ସଦସ୍ୟମାନେ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

## ରକ୍ତଦାନ ଶିବିର, ୪୩ ୟୁନିଟ୍ ରକ୍ତ ସଂଗ୍ରହ

**ରାୟଗଡ଼, ୩।୫(ସମିସ):** ରାୟଗଡ଼ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ବଜରଙ୍ଗ ଦଳ ଓ ଦେବାଳୟ ସମିତି, ଶ୍ରୀରାମ ମନ୍ଦିରଙ୍କ ମିଳିତ ଉଦ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରାୟଗଡ଼ ରକ୍ତ ଭଣ୍ଡାରର ଡକ୍ଟର ଗୌତମ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମଚାରୀ ଶଙ୍କର ତାଡିଙ୍ଗି, ବୁର୍ଷା ହିମିରିକା ଓ ବି. କିଶୋର କୁମାର ରକ୍ତ ସଂଗ୍ରହ କାର୍ଯ୍ୟରେ ସକ୍ରିୟ ଭାବେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜେ.କେ କାଗଜ କଳର ଇଭିପି ବିନୟ ଦ୍ୱିବେଦି, କମଳ କୁମାର ସିଂହ, ପ୍ରକାଶ କୁମାର ସିଂହ, ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ଉପ-ସଭାପତି ପ୍ରଫୁଲ ପାତ୍ର, ଜିଲ୍ଲା ଉପ ସଭାପତି ଆନନ୍ଦ ରାଓ, ବଜରଙ୍ଗ ଦଳ ବିଭାଗ ସଂଯୋଜକ ଇ. ଶକ୍ତିଧରଣ, ଜିଲ୍ଲା ସହ-ସଂଯୋଜକ ଶସ୍ୟଜ୍ୟୋତି ବେହେରା, ନଗର ସହ-ସଂଯୋଜକ ବି. ରାଜେଶ, ମାନସ ରଞ୍ଜନ ଦାସ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ମାନବ ସେବାମୂଳକ ପ୍ରୟାସକୁ ସ୍ଥାନୀୟ ଲୋକମାନେ ବହୁ ପ୍ରଶଂସା କରିଛନ୍ତି।



**● ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ**

## ୫ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

**ନବରଙ୍ଗପୁର, ୩।୫(ସମିସ):** ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟା ଜିଲ୍ଲା ଅଦାଲତ ପରିସରରେ ଆରମ୍ଭ ହୋଇଥିବା ବେଳେ ନାମାଙ୍କନ ଦାଖଲର ପ୍ରଥମ ଦିନରେ ପାଞ୍ଚ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୨୦୨୬ ବର୍ଷ ପାଇଁ ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘର କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଶନିବାର ଠାରୁ ଆରମ୍ଭ ହୋଇଛି।୨ ଏବଂ ୩ ତାରିଖ ନାମାଙ୍କନ ପତ୍ର ଦାଖଲ, ୫ ତାରିଖ ଦିନ ପ୍ରାର୍ଥୀ ପତ୍ର ଯାଞ୍ଚ, ୮ ତାରିଖ ଦିନ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର, ୯ ତାରିଖ ଚୂଡ଼ାନ୍ତ ପ୍ରାର୍ଥୀ ପତ୍ର ତାଲିକା ପ୍ରକାଶନ ଏବଂ ୨୩ ତାରିଖ ଦିନ ନିର୍ବାଚନ, ଭୋଟ ଗଣତି ଓ ବିଜୟୀ ପ୍ରାର୍ଥୀ ଘୋଷଣା କରାଯିବ। ଏହି ନିର୍ବାଚନ ପ୍ରକ୍ରିୟାକୁ ନିର୍ବାଚନ ଅଧିକାରୀ ଆଇନଜୀବୀ ସରୋଜ କୁମାର ବେହେରା, ସହାୟକ ନିର୍ବାଚନ ଅଧିକାରୀ କିଶୋର କୁମାର ପଟନାୟକ ଓ ପ୍ରଦୀପ କୁମାର ସାହୁ ପରିଚାଳନା କରୁଛନ୍ତି। ପ୍ରଥମ ଦିବସରେ ସଭାପତି ଭାବେ ଆଇନଜୀବୀ ସନ୍ତୋଷ ମିଶ୍ର ଓ ସିରାଜ୍ ଉଦ୍ଦିନ ଅହମ୍ମଦ, ଉପସଭାପତି ଭାବେ ସ୍ନେହଲତା ଦେବୀ, ସମ୍ପାଦକ ଭାବେ କିଶୋରୀ ପଟ୍ଟନାୟକ ଓ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ବାଲାଜୀ ପ୍ରସାଦ ମିଶ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।



**ମାଟ୍ରିକ୍ ପରୀକ୍ଷା ଫଳାଫଳ**

## ମନସ୍ୱିନୀ ଦାଶ ରାୟଗଡ଼ ଜିଲ୍ଲା ଟପ୍ପର

**● ବାଜିମାତ୍ କଲେ ଛାତ୍ରୀ**
**● ଏ୧ ଗ୍ରେଡ୍‌ରେ ୫ ଛାତ୍ରୀ ଓ ଜଣେ ଛାତ୍ର**



**ରାୟଗଡ଼, ୩।୫(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପକ୍ଷରୁ ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷା ଫଳାଫଳରେ ଜିଲ୍ଲାରେ ମାତ୍ର ୬ ଜଣ ଏ୧ ଗ୍ରେଡ୍‌ରେ ଉତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ମଧ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡିକରେ କେହି ବି ଏ ୧ଗ୍ରେଡ଼ରେ ସ୍ଥାନ ପାଇ ନ ଥିବା ବେଳେ ଜିଲ୍ଲାର ଗୁଣୁପୁର ଓ ଅମ୍ବାଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୫ଜଣ ଏବଂ ଥେରୁବାଲି କ୍ୟାମ୍ପସ ହାଇସ୍କୁଲର ଜଣେ ଏ୧ ଗ୍ରେଡ଼ ଅଧିକାର କରିଛନ୍ତି। ଏହି ୬ଜଣଙ୍କ ମଧ୍ୟରେ ୫ଜଣ ଛାତ୍ରୀ ରହିଥିବା ବେଳେ ଜଣେ ମାତ୍ର ଛାତ୍ର ରହିଛନ୍ତି। ଚଳିତ ବର୍ଷ ଜିଲ୍ଲାର ୨୧୩ ସରକାରୀ ହାଇସ୍କୁଲ ମଧ୍ୟରୁ ଇମ୍ପା କ୍ୟାମ୍ପସ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀ ଏ୧ ଗ୍ରେଡ୍‌ରେ ଉତୀର୍ଣ୍ଣ ହୋଇଛନ୍ତି। ଇମ୍ପା କ୍ୟାମ୍ପସ ହାଇସ୍କୁଲରୁ ଏ୧ ଗ୍ରେଡ୍‌ରେ ଉତୀର୍ଣ୍ଣ ହୋଇଥିବା ଛାତ୍ରୀ ଜଣକ ହେଲେ ସୁଦେଷ୍ଣା ପାଣି। ସେ ୫୪୦ ମାର୍କ ରଖିଛନ୍ତି। ସେହିପରି ଗୁଣପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମନସ୍ୱିନୀ ଦାଶ ୫୫୪ମାର୍କ ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଅମ୍ବାଦଳା ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ସ୍ୱୀକୃତି ରଥ ୫୪୩ ମାର୍କ ରଖି ଦ୍ୱିତୀୟ ସ୍ଥାନ ରଖିଛନ୍ତି। ସେହିଭଳି ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସିଦ୍ଧେଶ୍ୱରୀ ଶବର, ସାଇ ଆର୍ଶୀବାଦ ରଥ ଏବଂ ରାଜେଶ୍ୱରୀ ବେହେରା ୫୪୦ ମାର୍କ ରଖିଛନ୍ତି। ସମସ୍ତଙ୍କୁ ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକ ଓ ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଟିକିରିରେ କାଳବୈଶାଖୀ ତାଣ୍ଡବ



**ଟିକିରି, ୩।୫ (ସମିସ):** ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ଅଞ୍ଚଳରେ ଶୁକ୍ରବାର ଝଡ ପବନ ଓ ବର୍ଷାରେ ଅନେକ କ୍ଷୟକ୍ଷତି ଘଟିଛି। ଅଞ୍ଚଳରେ ଅନେକ ଘରର ଛାତ ଉଡିବା ସହ ବିଭିନ୍ନ ସ୍ଥାନରେ ଗଛ ପଡ଼ି ଅନେକ କ୍ଷୟକ୍ଷତି ଘଟିଛି। ଟିକିରି ପଞ୍ଚାୟତ ଅନ୍ତର୍ଗତ ଗୋକୁଳମୁଣ୍ଡା ଗ୍ରାମରେ ସ୍ୱର୍ଗତ ଶିତିଆ ମାଝୀଙ୍କ ଘରର ଟିଣ ପବନରେ ଉଡିଯାଇଥିବାରୁ ଘର ଭିତରକୁ ପାଣି ପସି ଯାଇଛି। ଘରେ ରହିଥିବା ଧାନ ଫସଲ ସହ ଅନେକ ଆବଶ୍ୟକୀୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଏହି ସମୟରେ ପରିବାର ଲୋକେ ଘରେ ଶୋଇଥିବା ବେଳେ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ଗ୍ରାମର ବିଭିନ୍ନ ରାସ୍ତାରେ ମଧ ଅନେକ ଗଛ ପଡ଼ିଥିବା ଦେଖିବାକୁ ମିଳିଛି। ଯାହା ଯାତାୟାତରେ ବାଧା ସୃଷ୍ଟି କରୁଛି। ସେହିପରି ଦୋରା ସାହିର ବାପା, ମା' ଛେଉଣ୍ଡ ସ୍ୱର୍ଗତ ସଞ୍ଜୀବ ଦୋରା ତାଙ୍କ ଦୁଇ ଝିଅ ପଲ୍ଲବୀ ଦୋରା ଏବଂ ଘ୍ୟାନେଶ୍ୱରି ଦୋରା ଙ୍କ ଘର ଉପରେ ଗଛ ପଡ଼ି କିଛି ଅଂଶ ନଷ୍ଟ ହୋଇଛି। ସେହିପରି ଜାମଗୁଡା ପାହାଡ଼ ନିକଟରେ ଥିବା ଗଙ୍ଗାଦେବୀ ମନ୍ଦିରରେ ଗଛ ପଡ଼ି ଟିଣ ନଷ୍ଟ ହୋଇଥିବା ବେଳେ ଡମ୍ବରୁଧର ସାହୁଙ୍କ ଦିପା ଟ୍ରେଡରସର ଟିଣ ଉଡି ପ୍ରାୟ ୫ଶହ ବସ୍ତା ସିମେଣ୍ଟ ନଷ୍ଟ ହୋଇଯାଇଛି। ସେହିପରି ଡୁଡୁକା?ାଲ ପଞ୍ଚାୟତର ମୁସୁରିପଦର ଗ୍ରାମର ବୁଲକା ମାଝୀଙ୍କ ଘରର ଆଜବେଷ୍ଟ ଉଡିଯାଇ ଧାନ, ମାଣ୍ଡିଆ ଭିଜି ନଷ୍ଟ ହୋଇଯାଇଛି। ଏବିଷୟରେ ବୁଲକା ମାଝୀ, ଡୁଡୁକା ଡାଲ ସରପଞ୍ଚ ସରସ ମାଝୀଙ୍କୁ ଜଣାଇଥିଲେ ମଧ ୨୪ଘଣ୍ଟା ବିତିଯାଇଥିଲେ ମଧ ସେ କିମ୍ବା କୌଣସି ପ୍ରଶାସନ ଅଧିକାରୀ ପହଞ୍ଚିନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ପରିସ୍ଥିତିରେ ଗ୍ରାମବାସୀମାନେ ପ୍ରଭାବିତ ପରିବାରକୁ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଏସ୍‌ଡିଆଇପିଆରଓ ଦେବରାଜ ଟାକ୍ରିଙ୍କ ଦାୟିତ୍ୱ ଗ୍ରହଣ



**ରାୟଗଡ଼, ୩।୫(ସମିସ):** ରାୟଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କୁ ପଦୋନ୍ନତି ଦିଆଯାଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ବ୍ରହ୍ମପୁର କାର୍ଯ୍ୟାଳୟକୁ ଉପ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି। ଆଜି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ପଦବୀ ଦାୟିତ୍ୱ ଶ୍ରୀ ପ୍ରଧାନ ରାୟଗଡ଼ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଏସଡିଆଇପିଆରଓ) ଦେବରାଜ ଟାକ୍ରିଙ୍କୁ ହସ୍ତାନ୍ତର କରି ସେ ଜିଲ୍ଲାରୁ ରିଲିଭ୍ ହୋଇଛନ୍ତି। ଶ୍ରୀ ପ୍ରଧାନ ରାୟଗଡ଼ ଜିଲ୍ଲାରେ ଦୀର୍ଘ ୮ ବର୍ଷ ଧରି କାର୍ଯ୍ୟରତ ଥିଲେ। ଗତ ୨୦୧୮ ମସିହା ନଭେମ୍ବର ମାସରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଗତ ୨୦୨୫ ମସିହା ଜାନୁଆରୀ ମାସରେ ସେ ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ଏହି ପଦବୀ ମିଳିବା ପରେ ମଧ ବିଭାଗ ପକ୍ଷରୁ ତାଙ୍କୁ ପୋଷ୍ଟିଂ ସ୍ଥାନରେ ଅବସ୍ଥାପିତ କରାଯାଇ ନ ଥିବାରୁ ରାୟଗଡ଼ ଜିଲ୍ଲା ଡିଆଇପିଆରଓ ଦାୟିତ୍ୱକୁ ସୂଚାରୁରୂପେ ତୁଲାଇ ଆସୁଥିଲେ। ବର୍ତମାନ ଉପନିର୍ଦ୍ଦେଶକ ଭାବେ ବ୍ରହ୍ମପୁର ଆଇ ଆଣ୍ଡ ପିଆରଓ କାର୍ଯ୍ୟାଳୟରେ ସେ ଅବସ୍ଥାପିତ ହୋଇଥିବା ବେଳେ ତାଙ୍କ ଅଧିନରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼, ମାଲକାନଗିରି, ଗଜପତି, କଳହାଣ୍ଡି, ଫୁଲବାଣୀ ଓ ବ୍ରହ୍ମପୁର (ଗଂଜାମ) ଜିଲ୍ଲା ରହିଛି। ଭାରପ୍ରାପ୍ତ ଜିଲ୍ଲା ଡିଆଇପିଆରଓ ଦାୟିତ୍ୱ ଗ୍ରହଣ କରିବା ପରେ ସମସ୍ତଙ୍କ ସହଯୋଗରେ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବେ ବୋଲି ଡିଆଇପିଆରଓ ଶ୍ରୀ ଟାକ୍ରି ପ୍ରକାଶ କରିଛନ୍ତି।

## ଡା.ପ୍ରଶାନ୍ତ କୁମାର ମିଶ୍ରଙ୍କୁ ସିଡିଏମ୍‌ଓ ଅତିରିକ୍ତ ଦାୟିତ୍ୱ



**ରାୟଗଡ଼, ୩।୫(ସମିସ):** ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଡା.ଭି.ସରୋଜିନୀ ଦେବୀ ଏପ୍ରିଲ ମାସ ୩୦ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ର ଅଧୀକ୍ଷକ ତଥା ଡିଏମଓ (ମେଡିକଲ) ଡା.ପ୍ରଶାନ୍ତ କୁମାର ମିଶ୍ରଙ୍କୁ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପଦବୀର ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇ ଅତିରିକ୍ତ ଭାରପ୍ରାପ୍ତ ଇନଚାର୍ଜ ଭାବେ ଅବସ୍ଥାପିତ କରାଯାଇଛି। ଡା.ଶ୍ରୀ ମିଶ୍ର ଏହି ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସିଡିଏମଓ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ରାୟଗଡ଼ ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ଲକ୍ଷ୍ମୀକାନ୍ତ ମହାପାତ୍ର ସିଡିଏମଓ ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି।

## ସ୍ୱୀକୃତି ରଥ ବ୍ଲକ୍ ଟପ୍ପର

**● ଅମ୍ବାଦଳା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଙ୍କ ସଫଳତା**



**ମୁନିଗୁଡା, ୩।୫(ସମିସ):** ରାୟଗଡ଼ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଗୌରବ ଆଣିଛନ୍ତି ଅମ୍ବାଦଳା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ସ୍ୱୀକୃତି ରଥ। ଚଳିତ ବର୍ଷର ଦଶମ ଶ୍ରେଣୀ ପରୀକ୍ଷାରେ ସେ ମୋଟ ୫୪୩ ମାର୍କ ଅର୍ଜନ କରି ମୁନିଗୁଡା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜିଲ୍ଲାସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସ୍ୱୀକୃତିଙ୍କ ଏହି ଅସାଧାରଣ ସଫଳତାରେ ପରିବାର ଓ ବିଦ୍ୟାଳୟ ମଧ୍ୟରେ ଖୁସିର ଲହରୀ ଦେଖିବାକୁ ମିଳିଛି। ତାଙ୍କର ପିତା ସୁଶାନ୍ତ କୁମାର ରଥ ଜଣେ ଶିକ୍ଷକ ଓ ମାତା ସବିତା ରଥ ଗୃହିଣୀ ଅଟନ୍ତି। ନିଜ ସଫଳତା ପାଇଁ ସ୍ୱୀକୃତି ତାଙ୍କ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମାଙ୍କ ସହିତ ପିତାମାତାଙ୍କୁ ଶ୍ରେୟ ଦେଇଛନ୍ତି।

## ଶିଶୁଙ୍କ ପାଇଁ ପୁଷ୍ଟିକର ସହାୟତା କାର୍ଯ୍ୟକ୍ରମ



**ରାୟଗଡ଼, ୩।୫(ସମିସ):** ଲାୟନ୍ସ କ୍ଲବ ନାଗାବଳି, ରାୟଗଡ଼ ପକ୍ଷରୁ ରବିବାର ଅପରାହ୍ନରେ ରାୟଗଡ଼ ଟାଉନର ଅଣ୍ଟାରୀଗୁଡା ଢେପସାହି ବସ୍ତିରେ ପୁଷ୍ଟିକର ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକୁ ପ୍ରୋତ୍ସାହିତ କରିବା ପାଇଁ ୭ ମାସରୁ ୧୫ ବର୍ଷ ବୟସର ୩୫ ଜଣ ପିଲାଙ୍କୁ ମିଶ୍ରିତ ଫଳ, ଫଳ ରସ ଏବଂ ବିସ୍କୁଟ ବଣ୍ଟନ କରାଯାଇଥିଲା। ଲାୟନ୍ସ କ୍ଲବ ଜିଲ୍ଲା ଗଭର୍ଣ୍ଣର ଡଃ ହେମନ୍ତ କୁମାର ଖୁଣ୍ଟିଆ, ନାଗାବଳୀ ଚାର୍ଟରର ସଭାପତି ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି, ଜୋନାଲ ସଭାପତି ଡକ୍ଟର ପ୍ରସନ କୁମାର ଗନ୍ତାୟତ, ସଭାପତି ଲାୟନ୍ସ ଶୁଭ୍ରା ପଣ୍ଡା, ସଚିବ ଲାୟନ୍ସ ବିପିନ ବିହାରୀ ବିଶ୍ୱାଳ, କୋଷାଧ୍ୟକ୍ଷ ଲାୟନ୍ସ ସୁଦର୍ଶନା ପାଢ଼ୀ, ବରିଷ୍ଠ ସଦସ୍ୟ ଲାୟନ୍ସ ଶଶୀ ଭୂଷଣ ପଟ୍ଟନାୟକ, ଲାୟନ୍ସ ରୁବିରାଣୀ କୁଣ୍ଡୁ, ଲାୟନ୍ସ ପ୍ରଶିପ୍ତ ପାତ୍ର, ଜଗଦୀଶ ଦୋରା, ସୁଶାନ୍ତ ନାଏକ, ବିଶ୍ୱନାଥ ବିଶ୍ୱାଳ, ଅରୁଣ ପାଣିଗ୍ରାହୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ

**ରାୟଗଡ଼, ୩।୫(ସମିସ):** ରାୟଗଡ଼ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ତଥା ମଇ ଦିବସ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ରାୟଗଡ଼ ଠାରେ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ସହଯୋଗ କ୍ରମେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ଜିଲ୍ଲା ପ୍ରଶାସନ, ରାୟଗଡ଼ଙ୍କ ତରଫରୁ ଧୋବେଇ ନାୟକ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ରାୟଗଡ଼ ସୁବାଷ ଚନ୍ଦ୍ର ମଣ୍ଡଳ ଆଦି ଯୋଗଦାନ କରି ନିର୍ମାଣ ଶ୍ରମିକ ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ରନାଥ ତ୍ରିପାଠୀ ପ୍ରାରମ୍ଭିକ ଭାଷଣ ପ୍ରଦାନ କରି ଶ୍ରମିକ ଦିବସର ତାତ୍ପର୍ଯ୍ୟତା ବିଷୟରେ ଜଣାଇଥିଲେ। ସମ୍ମାନିତ ଅତିଥି ଧୋବେଇ ନାୟକ ଏବଂ ମୁଖ୍ୟ ଅତିଥି ତଥା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ ଉପସ୍ଥିତ ଶ୍ରମିକଙ୍କୁ ଅନ୍ତର୍ଜାତିକ ଶ୍ରମ ଦିବସର ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ରାଶି ଯଥା ଶିକ୍ଷା ସହାୟତା ୧୨୪ ଜଣ ହିତାଧିକାରୀଙ୍କୁ ୯, ୭୨, ୮୦୦ ଟଙ୍କା, ୪୫ ଜଣଙ୍କୁ ବିବାହ ସହାୟତା ୨୨, ୫୦, ୦୦୦ ଟଙ୍କା, ପ୍ରସୂତୀକାଳିନ ସହାୟତା ୧୩ ଜଣଙ୍କୁ ୧, ୩୦, ୦୦୦ ଟଙ୍କା, ମୃତ୍ୟୁ କାଳୀନ ସହାୟତା ପାଇଁ ୧୪୮ ଜଣଙ୍କୁ ୩, ୭୦, ୦୦, ୦୦୦ ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପାଇଁ ୧୪୧ ଜଣଙ୍କୁ ୭, ୦୫, ୦୦୦ ଟଙ୍କାକୁ ମିଶାଇ ସର୍ବମୋଟ ୪୭୧ ଜଣ ହିତାଧିକାରୀଙ୍କୁ ୪, ୧୦, ୫୭, ୮୦୦ ଟଙ୍କା ପ୍ରଦାନ କରାଯାଇଛି। ସହକାରୀ ଶ୍ରମ ଅଧିକାରୀ ବିଷ୍ଣୁ ଚରଣ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସହକାରୀ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।



# କଲ୍ୟାଣସିଂହପୁର ଲ୍ୟାମ୍ପ୍‌ସରେ ଦୁର୍ନୀତି ଅଭିଯୋଗ

କଲ୍ୟାଣସିଂହପୁର, ୩।୫(ସମିସ)

**ଏଆରସିଏଙ୍କ ତଦନ୍ତ**

କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର କଲ୍ୟାଣସିଂହପୁର ଲ୍ୟାମ୍ପ୍‌ସରେ କୋଟିଏରୁ ଅଧିକ ଟଙ୍କାର ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଲ୍ୟାମ୍ପ୍‌ସ ଏମଡି ତାରିଣୀପ୍ରସାଦ ତ୍ରିପାଠୀ ନାମରେ ଏଭଳି ଅଭିଯୋଗ ଆସିଛି। ଗତ ଏପ୍ରିଲ ୧୩ ତାରିଖ ଦିନ ଜିଲ୍ଲା ସ୍ତରୀୟ ଜନ ଶୁଣାଣିରେ ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଏଭଳି ଅଭିଯୋଗ ଆଣିଥିଲେ। ଏଆରସିଏସ ଜନ୍ମଜୟ ମହାପାତ୍ର ଲ୍ୟାମ୍ପ୍‌ସକୁ ଆସି ତଦନ୍ତ ଆରମ୍ଭ କରିଥିଲେ। ଉକ୍ତଦିନ ଖାତା ପତ୍ର ଯାଞ୍ଚ କରିବା ପରେ ନିଜର ଦରମା ବିନା ରେଜୋଲ୍ୟୁସନରେ ୬ ହଜାର ଟଙ୍କା ବଢ଼ିବା ଦେଖିବାକୁ ପାଇଥିଲେ। ପରେ ଦୁର୍ନୀତିର ପେଡ଼ି ଧୀରେ ଧୀରେ ଖୋଲିବାରେ ଲାଗିଲା। ଦୁର୍ନୀତିର ଚେର ଲମ୍ବିଥିବା ଜାଣି ପରିଚାଳନା କମିଟିର ସଭାପତି, ଉପ ସଭାପତି ଓ ସଦସ୍ୟ ମାନଙ୍କୁ ଏଆରସିଏସ ଶ୍ରୀ ମହାପାତ୍ର ଚିଠି କରି ଲ୍ୟାମ୍ପ୍‌ସକୁ ଡକାଇଥିଲେ। ସମସ୍ତ ସଭ୍ୟ ଆସିବା ପରେ ଟଙ୍କା କାରବାର ହୋଇଥିବା ପ୍ରମାଣ ପତ୍ର ଲ୍ୟାମ୍ପ୍‌ସ ଏମ୍‌ଡି ତାରିଣୀପ୍ରସାଦ ତ୍ରିପାଠୀଙ୍କୁ ମାଗିବାରୁ କୌଣସି ପ୍ରମାଣ ଏଯାଏ ଦେଖାଇ ପାରିନଥିବାରୁ ସନ୍ଦେହରେ ପୁଣି ବ୍ୟାଙ୍କ ଜମା ବହି ଓ ଦୈନନ୍ଦିନ ଖାତା ଯାଞ୍ଚ ଆରମ୍ଭ କରିଥିଲେ। ଉକ୍ତ ଖାତାରେ ହିସାବ ରକ୍ଷକଙ୍କ ଅଜଣତରେ ବ୍ୟାଙ୍କ ଖାତାରୁ ଲକ୍ଷ ଲକ୍ଷ ଟଙ୍କା ଉଠିଯିବା ଦୈନିକ ଖାତାରେ ଲେଖା ନହେବା ଘଟଣା ତଦନ୍ତକୁ ଆହୁରି ବାଟ ଦେଖାଇଲା। ପୁଣି ଖାତା ଯାଞ୍ଚ ସମୟରେ ଜନୈକ ଖାତା ଜଣଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଜମା ହେଉଛି। ପୁଣି ଉଠାଣ ହେଉଛି। ଯାହାକି ଖାତାଦାର ସେତିକି ଟଙ୍କା ପୂର୍ବରୁ କେବେ ଜମା ହୋଇନଥିବା ବେଳେ ବର୍ତମାନ କେମିତି ଜମା ଓ ଉଠାଣ ହେଉଛି ଘୋଟଲାର ପେଡ଼ି ଧୀରେ ଧୀରେ ଖୋଲୁଥିବା ସମସ୍ତ ଲ୍ୟାମ୍ପ୍‌ସ ସଭ୍ୟ ଓ ଏଆରସିଏସ ଜାଣିବାକୁ ପାଇଥିଲେ। ସେହିଭଳି ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ଗ୍ରାଚ୍ୟୁଇଟି, ଇପିଏଫ୍ ଓ ସମସ୍ତ ଟଙ୍କା ଦୁଇ ଦୁଇ ଥର ଲକ୍ଷଲକ୍ଷ ଟଙ୍କା ପ୍ରଦାନ କରିବା ଘଟଣା ଏମ୍‌ଡି ତ୍ରିପାଠୀଙ୍କ ଦୁର୍ନୀତିର ପେଡ଼ି ଖୋଲିବାରେ ଲାଗିଛି। ଏଆରସିଏସ ଜନ୍ମଜୟ ମହାପାତ୍ର ଲ୍ୟାମ୍ପ୍‌ସକୁ ଆସି ତଦନ୍ତ ଆରମ୍ଭ କରିଥିଲେ। ସେ ଘୋଟଲା ହୋଇଥିବା ସ୍ୱୀକାର କରିବା ସହ ସମ୍ପୂର୍ଣ୍ଣ ତଥ୍ୟ ବର୍ତ୍ତମାନ ପ୍ରଦାନ କରିହେବ ନାହିଁ ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି। ଲ୍ୟାମ୍ପ୍‌ସରେ ସାର, ଋଣ, ଏସ୍‌ଏଚଜି, ଚାଷୀଙ୍କ ଜମା ଖାତା, ଋଣ ଖାତାର ତଦନ୍ତ ଚାଲୁଛି। ଆହୁରି ଅନେକ ଖାତା ଯାଞ୍ଚ ହେବାର ଅଛି ବୋଲି ମହାପାତ୍ର ପ୍ରକାଶ କରିଛନ୍ତି।

## ୨ ବାଇକ୍ ଧକ୍କା; ଉଭୟ ଚାଳକ ଗୁରୁତର



ପାରଳାଖେମୁଣ୍ଡି,୩।୫(ସମିସ): ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ରାଣୀପେଣ୍ଠ ଗ୍ରାମ ନିକଟରେ ୨ବାଇକ ମୁହାଁମୁହିଁ ଦୁର୍ଘଟଣା ହେବା ଯୋଗୁ ୨ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ରାଣୀପେଣ୍ଠ ଗ୍ରାମ ନିକଟସ୍ଥ ଲକ୍ଷ୍ମୀପୁର ଗ୍ରାମର ଯୁବକ ଅତି ଗୁରୁତର ଆହତ ହୋଇଥିବା ଜଣାପଡିଛି। ବିପରୀତ ଦିଗରୁ ଆସୁଥିବା ଆର୍.ସୀତାପୁର ଗ୍ରାମର ଅନ୍ୟ ଜଣେ ଯୁବକ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଉଭୟଙ୍କୁ ପଥଚାରୀ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି। ଦୁର୍ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶ୍ରୀନୀଳାମ୍ବା ଠାକୁରାଣୀ ଯାତ୍ରା



ପାରଳାଖେମୁଣ୍ଡି,୩।୫(ସମିସ): ପାରଳାଖେମୁଣ୍ଡି ସହରର ୱାର୍ଡ ନମ୍ବର ୯ ଅନ୍ତର୍ଗତ କ୍ଲଥ ବ୍ୟବସାୟୀ ସଂଘ ପକ୍ଷରୁ ମା ନୀଳାମ୍ବା ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହୋଇଛି। ଦୀର୍ଘ ବର୍ଷ ପରେ ଯାତ୍ରା ଆୟୋଜିତ ହେଉଥିବାରୁ ଅଞ୍ଚଳରେ ଉତ୍ସାହ ପ୍ରକାଶ ପାଇଛି। ଜାକଜମକରେ ବଜାର ଅଞ୍ଚଳକୁ ସଜ୍ଜିତ କରାଯାଇଥିବା ବେଳେ ଆଜି ପ୍ରଥମ ଦିନରେ କଳସ ଯାତ୍ରା ହୋଇଥିଲା। ଶତାଧିକ ମହିଳା ପାଣି କଳସ ଆଣି ମା'ଙ୍କ ଉଦ୍ଦେଶ୍ୟରେ ଅର୍ପଣ କରି ନିମନ୍ତ୍ରଣ କରିଥିଲେ। ଏହା ସହ ମା'ଙ୍କୁ ଦର୍ଶନ କରିଥିଲେ। ଠାକୁରାଣୀ ଯାତ୍ରା ଆଜି ଠାରୁ ଆରମ୍ଭ ହୋଇ ମଙ୍ଗଳବାର ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବ। ତିନି ଦିନ ଧରି ମା'ଙ୍କ ନଗର ପରିକ୍ରମା କରାଯାଇ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା କରାଯିବ। ଯାତ୍ରାକୁ ନେଇ ଉତ୍ସବମୁଖର ହୋଇଉଠିଛି ସମଗ୍ର ଅଞ୍ଚଳ।

## ବିବାହ ବାର୍ଷିକୀରେ ୨୫ ଚାରାରୋପଣ



ଜି.ଉଦୟଗିରି,୩।୫(ସମିସ): ପ୍ରକୃତିପ୍ରେମୀ ତଥା ସମାଜସେବୀ ଅନିଲ କୁମାର ପଟ୍ଟନାୟକଙ୍କ ୨୫ ତମ ବିବାହ ବାର୍ଷିକରେ ବରାଳିନୀ ମାର୍କେଟରେ ୨୫ ଚାରାରୋପଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କର ଏହି ଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଆଜି ବରାଳିନୀ ମାର୍କେଟ ତରଫରୁ ସମସ୍ତେ ଏକାଠି ହୋଇ ଶ୍ରୀ ପଟ୍ଟନାୟକଙ୍କୁ ବିବାହ ବାର୍ଷିକୀ ଶୁଭେଚ୍ଛା ଜଣାଇଥିଲେ। ମା' ବରାଳିନୀ ବ୍ୟବସାୟୀ ସଙ୍ଘର ସବୁଜ ମାର୍କେଟ ସ୍ୱପ୍ନକୁ ପୂରଣ କରିଥିବାରୁ ସଙ୍ଘ ତରଫରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

## ଅର୍ଚ୍ଚନା ଚକାପାଦ ବ୍ଲକ୍ ଟପ୍ପର

ଚକାପାଦ,୩।୫(ସମିସ): ଚକାପାଦ ବ୍ଲକ ପସରା ପଞ୍ଚାୟତ ମୁଣ୍ଡାଗାଁ ଏସଏସଡି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚନା କହଁର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୦୮ ମାର୍କ ରଖି ଚକାପାଦ ବ୍ଲକ ଟପ୍ପର ହୋଇଛନ୍ତି। ସେ ପସରା ପଞ୍ଚାୟତ ଟକଲମେଣ୍ଡି ଗ୍ରାମ ଅକ୍ରୁର କହଁର ଏବଂ ସ୍ୱରସ୍ୱତୀ କହଁରଙ୍କ କନିଷ୍ଠ କନ୍ୟା। ବ୍ଲକ ଟପର ହୋଇଥିବାରୁ ତାଙ୍କୁ ବହୁବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ମା' ଗଙ୍ଗାବାହିନୀ ଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ



ପାରଳାଖେମୁଣ୍ଡି,୩।୫(ସମିସ): ଗୋଷାଣି ବ୍ଲକ ଜଙ୍ଗଲପାଡୁ ଗ୍ରାମରେ ମା ଗଙ୍ଗାବାହିନୀଙ୍କ ଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ବୈଶାଖ-ଜ୍ୟୋଷ୍ଠ କୃଷ୍ଣ ପକ୍ଷରେ ଆଜି ରବିବାର ସକାଳେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ ସମସ୍ତ ଗ୍ରାମବାସୀ ବିଶେଷ କରି ମହିଳା ଅସ୍ଥାୟୀ ମନ୍ଦିରରେ ପୂଜାପାଠ କରିଥିଲେ। ଯାତ୍ରା ଚଳିତ ଆସନ୍ତା ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ହେବ। ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ଗ୍ରାମ ପୁରେହିତ ଏବଂ ମାଙ୍କ ପୁରେହିତଙ୍କ ସମସ୍ତ ପୂଜାର୍ଚ୍ଚନା କରିଥିଲେ।

## ନାଭ୍ୟାଶ୍ରୀ ବେହେରା କାଶୀନଗର ବ୍ଲକ୍ ଟପ୍ପର



କାଶୀନଗର,୩।୫(ସମିସ): ମାଟ୍ରିକ ପରୀକ୍ଷାରେ ଚଳିତ ବର୍ଷ କାଶୀନଗର ବ୍ଲକ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ବ୍ଲକ୍‌ର ୧୨ହାଇସ୍କୁଲର ଫଳାଫଳ ଉତ୍ସାହଜନକ ରହିଛି। କାଶୀନଗରର ନାଭ୍ୟାଶ୍ରୀ ବେହେରା ବ୍ଲକ ଟପ୍ପର ହୋଇଛନ୍ତି। ସେ ୪୬୯ ମାର୍କ ରଖି ବିଦ୍ୟାଳୟ ଓ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସେ କାଶୀନଗର ବାରାଣାସୀ ସରକାରୀ ବିଦ୍ୟାଳୟର ଛାତ୍ରୀ। ଏହି ସଫଳତାକୁ ନେଇ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱରେ ଥିବା ଏଡିଇଓ ଏସ. ଗିରିଧର ରାଓ ତାଙ୍କୁ ଅଭିନନ୍ଦନ ଜଣାଇଥିବା ସହ ସମସ୍ତ ପାସ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆର. ଦିଲ୍ଲୀପ କୁମାର ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାଭ୍ୟାଶ୍ରୀଙ୍କୁ ଅଭିନନ୍ଦନ ଜଣାଇଥିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ



ଫିରିଙ୍ଗିଆ,୩।୫(ସମିସ): କିଛିଦିନ ପୂର୍ବେ ଟିକାବାଲି ଥାନା ଚକାପାଦ ବ୍ଲକ ଅଞ୍ଚଳର ଜଙ୍ଗଲକୁ ଶିକାର ପାଇଁ ଯାଇଥିବା ଜଣେ ଶିକାରୀର ଦେଶୀ ବନ୍ଧୁକରୁ ଗୁଳି ଫୁଟି ଜଣେ ନାବାଳକର ମୃତ୍ୟୁ ହେବା ପରେ ଦେଶୀ ବନ୍ଧୁକ ଚାଳଣା ଓ ଦେଶୀ ବନ୍ଧୁକ ରଖିଥିବା ବ୍ୟକ୍ତି ବିଶେଷଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି ଜିଲ୍ଲା ପୁଲିସ। କିଛିଦିନ ହେଲା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଜାଗାରେ ଚଢ଼ଉ କରି ପୁଲିସ ବେଆଇନ ଦେଶୀ ବନ୍ଧୁକ ରଖିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବନ୍ଧୁକ ଜବତ କରୁଛି। ଏହି ପରିପେକ୍ଷୀରେ ଫିରିଙ୍ଗିଆ ପୁଲିସ ଏକ ଦେଶୀ ବନ୍ଧୁକ ଜବତ କରିବା ସହ ଏସମ୍ପର୍କରେ ଜଣେ ବ୍ୟକ୍ତିଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ଟିକାବାଲି ଥାନା ସନା ବେଡା ଗାଁର ଜିତେନ୍ଦ୍ର କୁଣ୍ଡି। ଜଣେ ବ୍ୟକ୍ତି ଏକ ଦେଶୀ ବନ୍ଧୁକ ଧରି ଫିରିଙ୍ଗିଆ ଥାନା ରତଙ୍ଗ ଅଞ୍ଚଳରେ ବୁଲୁଥିବା ପୁଲିସକୁ ଖବର ମିଳିଥିଲା। ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଦୀପକ କୁମାର ରାଉତ ଓ ଏଏସଆଇ ପ୍ରିୟରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ ରତଙ୍ଗ ଅଞ୍ଚଳରୁ ସମ୍ପୃକ୍ତ ବ୍ୟକ୍ତିକୁ ବନ୍ଧୁକ ସହ ଗିରଫ କରିଥିଲେ। ଥାନାରେ ବେଆଇନ ଦେଶୀ ବନ୍ଧୁକ ଧରି ବୁଲିବା ଅପରାଧରେ ଏକ ମାମଲା ରୁଜୁ କରି ବ୍ୟକ୍ତି ଜଣକୁ କୋର୍ଟ ଚାଲାଣ କରାଯାଇଛି। ବର୍ତ୍ତମାନ ଫିରିଙ୍ଗିଆ ଅଞ୍ଚଳରେ ଅନେକ ଲୋକଙ୍କ ପାଖରେ ଏଭଳି ଦେଶୀ ବନ୍ଧୁକ ରହିଥିବା ଏକ ବିଶେଷ ସୂତ୍ରରୁ ପୁଲିସ ଜାଣିବାକୁ ପାଇଛି। ଗିରଫ ବ୍ୟକ୍ତି ଜଣକ ଶିକାର ପାଇଁ ରତଙ୍ଗ ଅଞ୍ଚଳକୁ ଆସିଥିବା କହୁଥିବା ବେଳେ ଟିକାବାଲିରୁ ରତଙ୍ଗ ପ୍ରାୟ ୬୦ କିଲୋମିଟର। ଏତେ ବାଟ ସେ ଶିକାର କରିବା ପାଇଁ ଆସିଥିଲେ ନା ତାଙ୍କର ଅନ୍ୟ କୌଣସି ଉଦେଶ୍ୟ ରହିଥିଲା ତାହା ପୁଲିସ ସ୍ପଷ୍ଟ କରୁନାହିଁ। ତଦନ୍ତ ପରେ ପ୍ରକୃତ ବିଷୟ ଜଣାପଡିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ଜଳିଗଲା ଘର, ଆସବାବପତ୍ର ପାଉଁଶ

ଫିରିଙ୍ଗିଆ,୩।୫(ସମିସ): ଫୁଲବାଣୀ ନିକଟସ୍ଥ ଟିଟ୍ରାପଙ୍ଗା ପଞ୍ଚାୟତ ତିଲକପଡା ଗାଁରେ ଆଜି ସକାଳେ ଶୁଭେନ୍ଦୁ ଦିଗାଲଙ୍କ ଘରେ ନିଆଁ ଲାଗି ଘର ସମେତ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। କିନ୍ତୁ ଅଳ୍ପକେ ପରିବାର ଲୋକେ ବଞ୍ଚିଯାଇଛନ୍ତି। ଶୁଭେନ୍ଦୁ ଟିଣ ଛପର ଘରେ ନିଜ ପରିବାରର ପାଞ୍ଚ ପ୍ରାଣୀ କୁଟୁମ୍ବ ସହ ରହୁଥିଲେ। ଆଜି ସକାଳେ କୌଣସି କାରଣରୁ ଘର ଭିତରୁ ଧୂଆଁ ବାହାରୁ ଥିବା ପରିବାର ଓ କିଛି ଲୋକେ ଦେଖିଥିଲେ। ଧୂଆଁ ବାହାରୁଥିବା ଦେଖି ପରିବାର ଲୋକେ ଓ ଗାଁର କିଛି ଲୋକେ ତୁରନ୍ତ ଘର ଭିତରେ ଥିବା ପିଲାମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ନିଆଁ ଲାଗିଥିବା ବେଳେ ପରିବାର ଲୋକେ ଓ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଆୟତ୍ତ କରି ପାରିନଥିଲେ। ଖବର ପାଇ ଘଟଣା ସ୍ଥଳରେ ଫୁଲବାଣୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ଘରର ସମସ୍ତ ଆସବାବ ପୋଡି ପାଉଁଶ ହୋଇଯାଇଥିଲା। ଛୋଟ ଛୁଆର ଜୀବନ ବଞ୍ଚି ଯାଇଥିବା ବେଳେ ସକାଳ ସମୟ ଥିବାରୁ କାହାର କିଛି କ୍ଷତି ହୋଇନାହିଁ। କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣା ପଡ଼ିନଥିବା ପରିବାର ଲୋକେ କହିଛନ୍ତି।

## ଅବ୍ୟବସ୍ଥାରେ ଗୋଛାପଡ଼ା ଆୟୁର୍ବେଦିକ ଚିକିତ୍ସାଳୟ

### ପରିଦର୍ଶନ କରି ସମସ୍ୟା ବୁଝିଲେ ବିଧାୟକ

ଫିରିଙ୍ଗିଆ,୩।୫(ସମିସ): ଫିରିଙ୍ଗିଆ ବ୍ଲକ ଗୋଛାପଡ଼ାରେ ଥିବା ଓ ଅବ୍ୟବସ୍ଥା ଦେଇ ଗତି କରୁଥିବା ଆୟୁର୍ବେଦିକ ଚିକିତ୍ସାଳୟକୁ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ପରିଦର୍ଶନ କରିଛନ୍ତି। ଫିରିଙ୍ଗିଆ ବ୍ଲକରେ ଏହା ଏକମାତ୍ର ଆୟୁର୍ବେଦିକ ଚିକିତ୍ସାଳୟ ହୋଇଥିବା ବେଳେ ବହୁ ପୁରୁଣା। ମରାମତିର ଘର ଯୋଗୁଁ ଭାଙ୍ଗି ରୁଜି ଯାଇଥିବା ବେଳେ ବର୍ଷା ହେଲେ ବିପଦସଂକୁଳ ଭାବରେ ରୋଗୀ ଚିକିତ୍ସା କରାଯାଉଛି। କାନ୍ଥ ରେ ବିଦ୍ୟୁତ ସକ ହେଉଛି। ଡାକ୍ତର ଅଛନ୍ତି କିନ୍ତୁ ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଯୋଗୁଁ ରୋଗୀ ମଧ୍ୟ ଚିକିତ୍ସା ପାଇଁ ଯିବାକୁ ଭୟ କରୁଛନ୍ତି। ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରସାରଣ ପରେ ଚିକିତ୍ସାଳୟର ଗୃହ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। କିନ୍ତୁ ଦୀର୍ଘ ଦିନ ହେବ ଅର୍ଥ ଅନୁଦାନ ପଡ଼ିରହିଛି। ଅନୁଦାନ ଥିବା ସତ୍ତ୍ୱେ କାମ ହୋଇ ପାରୁନାହିଁ। ଯାହାକୁ ନେଇ ରୋଗୀ ଓ ଅଞ୍ଚଳ ବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅବ୍ୟବସ୍ଥା ସମ୍ପର୍କରେ ଜାଣିପାରି ଫୁଲବାଣୀ ବିଧାୟକ ଉମାଚରଣ ମଲିକ ଆୟୁର୍ବେଦିକ ଚିକିତ୍ସାଳୟ ପରିଦର୍ଶନ କରିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ପରେ ଆୟୁର୍ବେଦିକ ଚିକିତ୍ସାଳୟର ନୂତନ ଗୃହ ଶୀଘ୍ର ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି। ବିଧାୟକଙ୍କ ପରିଦର୍ଶନ ପରେ ନୂତନ ଚିକିତ୍ସାଳୟ ଗୃହ ନିର୍ମାଣ ହେବା ନେଇଁ ଆଶା ରଖିଛନ୍ତି ଅଞ୍ଚଳବାସୀ। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ବିଧାୟକ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଜନସାଧାରଣଙ୍କ ସମସ୍ୟା ଉପରେ ଆଲୋଚନା କରୁଛନ୍ତି।

## ଗଙ୍ଗାବାଡ଼ ଓ କଇଁପୁର ଏସଏସଡି ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା

ରାୟଗଡ଼,୩।୫(ସମିସ): ଚଳିତ ବର୍ଷର ମାଟ୍ରିକ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ରାୟଗଡ଼ ବ୍ଲକରେ ଉତ୍ସାହର ପରିବେଶ ଦେଖିବାକୁ ମିଳିଛି। ବ୍ଲକରେ ଥିବା ୨୦ ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରେ କୌଣସି ଛାତ୍ରୀ ଛାତ୍ର ଇ୧ଗ୍ରେଡ଼ ଆଣିପାରିନ ଥିଲେ ମଧ୍ୟ ବିଦ୍ୟାଳୟର ଉଲ୍ଲେଖନୀୟ ପ୍ରଦର୍ଶନ ଅଞ୍ଚଳବାସୀଙ୍କ ମନରେ ଖୁସି ଦେଇପାରିଛି। ବ୍ଲକରେ ଏସଏସଡି ବିଭାଗ ଅଧୀନରେ ଥିବା ୩ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ କଇଁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଚଳିତ ବର୍ଷ ଚମତ୍କାର ଫଳାଫଳ ହାସଲ କରିଛି। ବିଦ୍ୟାଳୟରେ ୭୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ଏ-୨ରେ ୨୪ ଜଣ (୩୧ ପ୍ରତିଶତ) ଓ ବି-୧ରେ ପଚାଶ ଜଣ ଏବଂ ବି-୨ରେ ୪ ଜଣ ପାସ ହୋଇଛନ୍ତି। ଅପର ପକ୍ଷେ ଏସଏମଇ ବିଭାଗ ଅଧୀନରେ ଥିବା ୧୭ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତରେ ଅବସ୍ଥିତ ତଥା ଅତି ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଗଙ୍ଗାବାଡ଼ ଉଚ୍ଚ ବିଦ୍ୟାଳୟର ଫଳାଫଳ ଚଳିତ ବର୍ଷ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଥିରେ ୨୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏ-୨ରେ ୭ ଜଣ (୨୬ ପ୍ରତିଶତ) ଓ ଅବଶିଷ୍ଟ ୨୦ ଜଣ ବି-୧ ଗ୍ରେଡରେ ପାସ ହୋଇଛନ୍ତି। ତେବେ ଭୌଗଳିକ ପ୍ରତିବନ୍ଧକ ଓ ସୁବିଧା ଅସୁବିଧା ସତ୍ତ୍ୱେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷାରେ ଯେଭଳି ସଫଳତା ପାଇଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି। ଏହି ସଫଳତା ପାଇଁ ସ୍ଥାନୀୟ ଅଭିଭାବକ, ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଓ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୪ ଦଫା ଦାବି ନେଇ ଜି. ଉଦୟଗିରିବାସୀଙ୍କ ଧାରଣା



### ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଜି.ଉଦୟଗିରି,୩।୫(ସମିସ): ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ପ୍ରାୟ ୩୦ ରୁ ୪୦ ହଜାର ଲୋକେ ନିର୍ଭରଶୀଳ। ବହୁ ଦିନ ହେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ନେଇ ପୂର୍ବରୁ ଖବର ପ୍ରସାରଣ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇନାହିଁ। ଆଜି ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହ ୪ ଦଫା ଦାବି ସମ୍ବଳିତ ଦାବିପତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ରତିକାନ୍ତ ସାହୁଙ୍କ ଜରିଆରେ ଜିଲ୍ଲାପାଳଙ୍କ ନିକଟକୁ ପ୍ରଦାନ କରିଛନ୍ତି। ଏକ ମାସ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ସହ ଅଲଟ୍ରାସାଉଣ୍ଡର ବ୍ୟବସ୍ଥା କରିବାକୁ କରାଯାଇଛି। ଦାବି ପୂରଣ ନହେଲେ ଆଗକୁ ପ୍ରତିବାଦ ବ୍ୟାପକ ହେବ ବୋଲି କାଉନସିଲର ଜାକେଶ ପ୍ରଧାନ, ରାଜନ ନାୟକ, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଟାର୍ଜନ ସାହୁ କହିଛନ୍ତି।

## ସ୍ନେହା ନାୟକ ରାଇକିଆ ବ୍ଲକ୍ ଟପ୍ପର



ରାଇକିଆ,୩।୫(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ସେଣ୍ଟ କ୍ୟାଥରିନ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ନେହା ନାୟକ ୮୩.୫ ପ୍ରତିଶତ ମାର୍କ ରଖି ରାଇକିଆ ବ୍ଲକରେ ଟପ୍ପର ହୋଇଛନ୍ତି। ସେ ସମୁଦାୟ ୫୦୧ ମାର୍କ ରଖିଛନ୍ତି। ବ୍ଲକ୍ ର ୧୪ ବିଦ୍ୟାଳୟରୁ ୮ ବିଦ୍ୟାଳୟରେ ଫଳ ଶତ ପ୍ରତିଶତ ରହିଛି। ସେହିପରି ରାଇକିଆ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କ୍ରମାଗତ ୮ ବର୍ଷ ଧରି ସଫଳତା ଶତପ୍ରତିଶତ ରହିଛି। ଏହି ବିଦ୍ୟାଳୟର ପାଞ୍ଚ ଜଣ ଏ୨ରେ ପାସ୍ ହୋଇଛନ୍ତି।

## ମୃତାହତ ପରିବାରକୁ ଭେଟିଲେ ବିଧାୟକ



ଗୋଷାଣି,୩।୫(ସମିସ): ଗୋଷାଣି ବ୍ଲକ ବାଘଶାଳା ଗ୍ରାମରେ ଶୁକ୍ରବାର ପ୍ରବଳ ବର୍ଷା ପବନରେ ଗଛ ପଡ଼ି ମୃତ କେ. ମନ୍ମଥ ରାଓଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ। ମୃତକପରିବାରଙ୍କୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି ବିଧାୟକ। ସେହିପରି ଗୁରୁତର ଆହାତ ଏ. ଶ୍ରୀନିବାସ ରାଓଙ୍କ ପରିବାରକୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଉଭୟ ପରିବାରକୁ ଆଶ୍ୱାସନା ଦେବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହା ସହ ଦୁର୍ଘଟଣାସ୍ଥଳ ତଥା ଦୋକାନ ଉପରେ ଗଛ ପଡ଼ିଥିବା ସ୍ଥାନକୁ ଯାଇ ବିଧାୟକ ଦେଖି ତୁରନ୍ତ ବନ ବିଭାଗ ଅଧିକାରୀ କେ. ନାଗରାଜଙ୍କୁ ଫୋନରେ ବିପଦଶଙ୍କୁଳ ଅବସ୍ଥାରେ ଥିବା ଗଛ ଓ ଡାଳ ହଟାଇବା ପାଇଁ ଆଲୋଚନା କରିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ଗୋଷାଣି ବ୍ଲକ ଅଧକ୍ଷ ଏନ୍. ବୀରରାଜୁ ଓ ବାଘଶାଳା ସରପଞ୍ଚ ଟି. ଭୀମରାଜୁ ଉପସ୍ଥିତ ଥିଲେ।

## ବୃନ୍ଦାବନ ସୁଆର ସ୍ମୃତି ସଂସଦର ବନ୍ଧୁମିଳନ



ପାରଳାଖେମୁଣ୍ଡି, ୩।୫ (ସମିସ): ପାରଳାଖେମୁଣ୍ଡି ସ୍ଥିତ ବୃନ୍ଦାବନ ସୁଆର ସ୍ମୃତି ସଂସଦ ତରଫରୁ କବିଚନ୍ଦ୍ର ସାହିର କାର୍ଯ୍ୟାଳୟରେ ଆଜି ବନ୍ଧୁମିଳନ ସଭାପତି ହର ପ୍ରସାଦ ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ କଲେଜ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଓ ଅଧ୍ୟାପିକା ଡ. ଭାରତୀ ପାଣିଗ୍ରାହୀ ଓ ପ୍ରଗତି ମହିଳା ସଂଗଠନ ସମ୍ପାଦିକା ତନୁଜା ଶତପଥୀ ଯୋଗ ଦେଇଥିଲେ। ବୃନ୍ଦାବନ ସୁଆରଙ୍କ ଜୀବନୀ ଏବଂ କବିତା, ପୁସ୍ତକ ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ କେମିତି ଏହି କବିତା ଏବଂ ତାଙ୍କ ଜୀବନୀକୁ ନେଇ ପ୍ରତ୍ୟେକ ସ୍କୁଲ୍ କଲେଜ୍‌ରେ କୁଇଜ୍ ପ୍ରତିଯୋଗିତା ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବୃନ୍ଦାବନ ସୁଆରଙ୍କ ଆଗାମୀ ଜନ୍ମତିଥିରେ ଏକ ସ୍ମରଣିକା ପତ୍ରିକା ଉନ୍ମୋଚନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବିଜୟ କୁମାର ପଣ୍ଡା, ବସନ୍ତ କୁମାର ପଣ୍ଡା ଓ ସୁରେଶ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପାଠୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୈତାରୀ ଦିଗାଲଙ୍କୁ ଶିକ୍ଷା ରତ୍ନ ପୁରସ୍କାର



ଜି.ଉଦୟଗିରି,୩।୫(ସମିସ): ଭୁବନେଶ୍ୱର ଅଭିଭାବକ ମହାସଂଘ ତଥା ରୋଟାରୀ କ୍ଲବ ନୀଳାଦ୍ରି ଦ୍ୱାରା ଜୟଦେବ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶାର ୩୦ ଜିଲ୍ଲାରୁ ଅନୁସୂଚିତ ଜାତି ତଥା ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗରେ କାର୍ଯ୍ୟରତ ୯୦ ଜଣ ଶିକ୍ଷକଙ୍କୁ ସେମାନଙ୍କ ଉତ୍କୃଷ୍ଟ ସେବା ନିମନ୍ତେ ଓଡ଼ିଶା ଶିକ୍ଷାରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଏହି କ୍ରମରେ ଜି.ଉଦୟଗିରି ଦୈତାରୀ ଦିଗାଲଙ୍କୁ ଏହି ସମ୍ମାନ ମିଳିଛି। ଏଥିରେ ଜାତୀୟ ଶିକ୍ଷାନୀତିରେ ଆର୍ଥିକ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ ଓ ଭବିଷ୍ୟତରେ ବିନା ଋଣରେ ଶିକ୍ଷା ଓ ସ୍ମାର୍ଟ ପାରେଣ୍ଟିଂ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ତଥା ଜାତୀୟ ମାନବ ଅଧିକାର ଆୟୋଗ ସଦସ୍ୟ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜାତୀୟ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ମହାନଦୀ ବଞ୍ଚାଅ ଆନ୍ଦୋଳନର ଅନ୍ୟତମ ପୁରୋଧା ସୁଦର୍ଶନ ଦାସ, ରୋଟାରୀଆନ ଅଭିଷେକ ମିତ୍ର, ଜାତୀୟ ମାନବ ଅଧିକାର ଆୟୋଗ କୋର୍ କମିଟି ସଦସ୍ୟ ମନୋଜ କୁମାର ଜେନା ଓ କୋରାପୁଟ ତଥା ମାଲକାନଗିରି ଜିଲ୍ଲାର ଶିକ୍ଷା ଜିଲ୍ଲା ନିରୀକ୍ଷକ ଏସ.କେ. ମିଶ୍ର ଓ ମୁଖ୍ୟ ବକ୍ତା ରୂପେ ସାମ୍ବାଦିକ ରବି ଦାସ ଯୋଗ ଦେଇଥିଲେ।

**ଗାର୍ଡିଙ୍ଗିଆ ପଞ୍ଚାୟତ ବିକାଶ**

## ଆଲୋକ ବ୍ୟବସ୍ଥା ଅଛି; ମରାମତି ପାଇଁ ପାଣ୍ଠି ନାହିଁ



ଟିକାବାଲି, ୩।୫(ସମିସ): ଟିକାବାଲି ବ୍ଲକ ଗାର୍ଡିଙ୍ଗିଆ ପଞ୍ଚାୟତ ମଣ୍ଡାଗୁଡା ଗ୍ରାମରେ ୩ ମାସ ହେବ ତିନୋଟି ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡ଼ିଛି। ଯାହାଫଳରେ ଗ୍ରାମର ବୃଦ୍ଧବୃଦ୍ଧା ଓ ସାଧାରଣ ଲୋକେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସମସ୍ୟା ନେଇ ଗାର୍ଡିଙ୍ଗିଆ ସରପଞ୍ଚ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ପଞ୍ଚାୟତ ପ୍ରଶାସନ କାର୍ଯ୍ୟାଳୟରେ ମରାମତି ପାଇଁ ପାଣ୍ଠି ନାହିଁ ବୋଲି କହି ନିଜ ଦାୟିତ୍ୱରୁ ହାତ ଧୋଇ ବସିଛନ୍ତି। ଗ୍ରାମକୁ ଆଲୋକିକରଣ ପାଇଁ ସରକାରୀ ଖର୍ଚ୍ଚରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି। ହେଲେ ସେଗୁଡ଼ିକ ଅଚଳ ହେବା ପରେ ମରାମତି ପାଇଁ ଅର୍ଥର ଅଭାବ ଦର୍ଶାଇବା ପ୍ରଶାସନର ଦୂରଦୃଷ୍ଟି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ଦିନରେ ମନରେଗା ଯୋଜନାରେ ସଫଳତା ପାଇଁ ଗାର୍ଡିଙ୍ଗିଆ ପଞ୍ଚାୟତ ଟିକାବାଲି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ତିନୋଟି ଲାଇଟ୍ ସଜାଡିବା ପାଇଁ ଅର୍ଥର ଅଭାବ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମାଞ୍ଚଳରେ ଚୋରି ଓ ଅନ୍ୟାନ୍ୟ ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସମୟରେ ଅନ୍ଧାରୁଆ ରାସ୍ତା ବିପଦକୁ ଆମନ୍ତ୍ରଣ କରୁଛି। ଗାର୍ଡିଙ୍ଗିଆ ପଞ୍ଚାୟତ ଏବଂ ଟିକାବାଲି ବ୍ଲକ ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ମଣ୍ଡାଗୁଡା ଗ୍ରାମବାସୀଙ୍କୁ ଶୀଘ୍ର ଅନ୍ଧାରରୁ ରକ୍ଷା କରିବା ପାଇଁ ଦାବି କରାଯାଇଛି।

## ମା ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା



ଚକାପାଦ,୩।୫(ସମିସ): ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଖୁଡୁତେନ୍ତୁଳି ଗ୍ରାମରେ ବହୁପୁରାତନ ଶିବମନ୍ଦିର ବରଡ଼ା ବାଲୁଙ୍କେଶ୍ୱର ନିକଟରେ ମା ପାର୍ବତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ୨୪ ପ୍ରହର ନାମଯଜ୍ଞ ପାଇଁ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିର ନିକଟରୁ ଶହ ଶହ ନରନାରୀ ପଟୁଆରରେ ଯାଇ ଉଙ୍କୁଣୀନାଳ ନିକଟରେ ପୂଜା ଅର୍ଚ୍ଚନା କରି କଳସରେ ପାଣି ଧରି ମନ୍ଦିରରେ ପହଞ୍ଚିଥିଲେ। କଳସଯାତ୍ରା ସମୟରେ ମଳିକଗାଁ ରୁଦ୍ରକାଳୀ ମନ୍ଦିର ଏବଂ ଖୁଡୁତେନ୍ତୁଳି ନୃସିଂହଠାକୁର ମନ୍ଦିରରେ ବେଢ଼ ଦେଇଥିଲେ। ସୋମବାର ବନଜାଗ ଏବଂ ନାମଯଜ୍ଞ ଆରମ୍ଭ ଏବଂ ମଙ୍ଗଳବାର ପ୍ରାଣ ପ୍ରତିଷ୍ଠା ଓ ରତ୍ନମୁଦ, ବୁଧବାର ଠାକୁର ସିଂହାସନ ଆରୋହଣ ଏବଂ ୭ ତାରିଖରେ ପୂର୍ଣ୍ଣାହୂତି ନାମଯଜ୍ଞ ସମାପ୍ତ ହେବାର କର୍ଯ୍ୟକ୍ରମ ରହିଛି। ମନ୍ଦିର ପ୍ରତିଷ୍ଠା ଏବଂ ନାମଯଜ୍ଞ ପାଇଁ ଲାଇନପଡା ଚାରିମୁଠା ଅଧିକାରୀ କିଶୋର ଚନ୍ଦ୍ର କହଁର, ଲଇନ ମଳିକ, ବେଣୁ ପ୍ରଧାନ, ଆନନ୍ଦ ପ୍ରଧାନ, ମନ୍ଦିର ପରିଚାଳନା କମିଟି ସଭାପତି ସିଦ୍ଧେଶ୍ୱର ପ୍ରଧାନ, ଉପସଭାପତି ରାମଚନ୍ଦ୍ର ପୃଷ୍ଟି, ସମ୍ପାଦକ ଶଙ୍କର ମୋହନ କହଁର, ଯଜ୍ଞ କମିଟି ସଭାପତି କେଶବ ଚନ୍ଦ୍ର ମଳିକ, ଉପସଭାପତି ନିରଂଜନ କହଁର, କୋଷାଧକ୍ଷ କାହ୍ନୁ ପୃଷ୍ଟି, ସହସମ୍ପାଦକ ଆଶିଷ ପ୍ରଧାନ, ଅଶୋକ ମଳିକ, ଲାଇନପଡା ୨ ପଞ୍ଚାୟତ କୁସୁମେଣ୍ଡି ଏବଂ ଏଲ ବପଲମେଣ୍ଡି ଚାରିମୁଠାର ସମସ୍ତ ପରିବାରର ସହଯୋଗରେ ଏହି ମନ୍ଦିର ପ୍ରତିଷ୍ଠା ଏବଂ ନାମଯଜ୍ଞ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

